# ପିଲାଙ୍କ ଧରିତ୍ରୀ

ଶନିବାର, ୧୮ ମାର୍ଚ୍ଚ, ୨୦୨୩



୬ କହିଲ ଦେଖି



୮ ଆଇନା



# ଖିଲି ଖିଲି ହସ

**ରାଜୁ:** ତୁମେ କ'ଣ କର ବିଜୁ ?
**ବିଜୁ:** ମୁଁ ପାଇଲଟ୍ ଅଛି।
**ରାଜୁ:** କେଉଁ ଏୟାରଲାଇନ୍ସରେ କାମ କର ?
**ବିଜୁ:** ଆରେ, ମୁଁ ବାହାଘରରେ ଡ୍ରୋନ୍ ଉଡାଏ।

ଦାନ୍ତ ଡାକ୍ତରଙ୍କୁ ପପୁ କହିଲା– ଆପଣ ବିନା କଷ୍ଟରେ ଦାନ୍ତ ଦେଖିପାରିବେ ?
ଡାକ୍ତର: ନା।
ପପୁ: ମୁଁ କିନ୍ତୁ ଦାନ୍ତ ଦେଖାଇପାରିବି।
ଡାକ୍ତର: କେମିତି ?
ପପୁ: ହି ହି ହି ହି ହି........।

ଚିଣ୍ଟୁ ଟ୍ରେନ୍‌ରେ ବସି ମାମୁଘରକୁ ବୁଲିବାକୁ ଯାଉଥିଲା। ଏହି ସମୟରେ ତା' ମାମା କହିଲେ, ଚୁପ୍‌ଚାପ୍ ବସିବୁ, ଦୁଷ୍ଟ ହେଲେ ମାରିବି।
ଚିଣ୍ଟୁ: ମୋତେ ଯଦି ତୁମେ ମାରିବ, ମୁଁ ଟି.ଟି.ଇ ଅଙ୍କଲକୁ କହିଦେବି ମୋ ବୟସ।

# ପରିଶ୍ରମର ମୂଲ୍ୟ

## ଗପ

ଦକ୍ଷିଣ ଭାରତର ସନ୍ଥ ତିରୁବଲ୍ଲୁବର ପ୍ରାରମ୍ଭିକ ଜୀବନରେ ତନ୍ତୀ ଥିଲେ। ତାଙ୍କର ଗୋଟିଏ ଭଲ ଗୁଣ ଥିଲା କି ତାଙ୍କୁ କୌଣସି ପରିସ୍ଥିତିରେ ବି ଆଦୌ କେବେ କ୍ରୋଧ ଆସୁ ନ ଥିଲା।

ସନ୍ଥଙ୍କର ଏଭଳି ସ୍ୱଭାବ ପାଇଁ ତାଙ୍କୁ ସମସ୍ତେ ସମ୍ମାନ ଦେଉଥିଲେ ଓ ତାଙ୍କର ଢେର୍ ଖ୍ୟାତି ମଧ ରହିଥିଲା। ଦିନେ କିଛି ଦୁଷ୍ଟ ପିଲା ତାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଆସି ତାଙ୍କ ଦୋକାନରେ ପହଞ୍ଚିଲେ। ପ୍ରଥମେ ଗୋଟିଏ ପିଲା ତାଙ୍କୁ ଦୋକାନରେ ଥିବା ଏକ ଧୋତିର ମୂଲ୍ୟ କେତେ ବୋଲି ପଚାରିଲା। ତିରୁବଲ୍ଲୁବର ଧୋତିଟିର ମୂଲ୍ୟ କହିସାରିବା ପରେ ପିଲାଟି ଧୋତିକୁ ଚାରି ଖଣ୍ଡରେ ଚିରିଦେଲା। ଏହା ପରେ ପୁଣି ଥରେ ପଚାରିଲା, 'ଏବେ ଏହାର ମୂଲ୍ୟ କେତେ' ? ତିରୁବଲ୍ଲୁବର କହିଲେ, 'ଧୋତିର ଯାହା ମୂଲ୍ୟ ତା'ର ଏକ ଚତୁର୍ଥାଂଶ ହେବ'। ପିଲାଟି ତା'ପରେ କହିଲା, ଏ ଧୋତି ଏବେ ମୋର କେଉଁ କାମର ? ମୁଁ ଏହାକୁ ଆଉ କିଣିବିନି। ସନ୍ଥ କହିଲେ, ଏହା ତୁମର କ'ଣ କାହାର ମଧ୍ୟ କାମରେ ଆସିବନି। ଏହା ଶୁଣି ପିଲାଟି ଅହଙ୍କାରରେ କହିଲା, 'ଏଇ ଟଙ୍କାକୁ ନିଅ, ଏଥିରେ ତୁମର କ୍ଷତି ପୂରଣ ହୋଇଯିବ'।

ସନ୍ଥ କିନ୍ତୁ ଟଙ୍କା ନେଲେ ନାହିଁ। ସେ କହିଲେ, ଏହି କ୍ଷତିକୁ କେହି ବି ପୂରା କରିପାରିବେ ନାହିଁ। କାରଣ ପ୍ରଥମେ ଚାଷୀଙ୍କ ପରିଶ୍ରମରେ କପା ଉତ୍ପାଦନ ହୋଇଥିଲା, ଯାହାର ତୁଳାରୁ ମୋ ସ୍ତ୍ରୀ ସୂତା ତିଆରି କଲେ, ଏହାପରେ ମୁଁ ରଙ୍ଗ କଲି ଆଉ ଧୋତି ବୁଣିଲି। କ୍ଷତି ସେତେବେଳେ ଯାଇ ଭରଣା ହୋଇଥାନ୍ତା ଯେତେବେଳେ ଏହାକୁ କେହି ପିନ୍ଧିଥାନ୍ତେ। କେତେ ଲୋକଙ୍କର ପରିଶ୍ରମ ବ୍ୟର୍ଥ ହୋଇଗଲା। କ'ଣ ତୁମେ ଏହି କ୍ଷତିକୁ ପୂରା କରିପାରିବ ?

ତିରୁବଲ୍ଲୁବରଙ୍କ ଦ୍ୱାରା ଶାନ୍ତ ଭାବରେ କୁହାଯାଇଥିବା ଏଇ କେଇପଦ କଥା ଶୁଣି ତାଙ୍କ ପାଦ ତଳେ ଲୋଟିପଡ଼ିଲା ପିଲାଟି। ଆଉ ତାକୁ କ୍ଷମା ମାଗିବାକୁ ପଡ଼ିଲା। ହେଲେ ତିରୁବଲ୍ଲୁବରଙ୍କ ମନରେ ଯେତେବେଳେ କ୍ରୋଧ ହିଁ ନ ଥିଲା ସେ କ୍ଷମା କରିଥାନ୍ତେ କେମିତି ?



**–ମନୋଜ କୁମାର ବେହେରା,**
ୟୁନିଟ୍–୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

❖ 'ପିଲାଙ୍କ ଧରିତ୍ରୀ'ର ପ୍ରତିଟି ପୃଷ୍ଠା ମୋର ଖୁବ୍ ପସନ୍ଦ। ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।

**–ଅନନ୍ୟା ରୂପାଲୀ,** ଗୋବିନ୍ଦପାଲି, ମାଲକାନଗିରି

❖ 'ଏଥରର ?' ଏବଂ 'କହିଲ ଦେଖି'ର ଉତ୍ତର ଦେବାକୁ ମୋତେ ଭଲ ଲାଗେ।

**–ଲକ୍ଷ୍ମୀପ୍ରିୟା ହୋତା,** ଜୟପୁର, କୋରାପୁଟ

❖ 'ଗିନିଜ ରେକର୍ଡ୍ସ' ସ୍ତମ୍ଭରେ ଶିଶୁ ବୈଜ୍ଞାନିକ ଗୀତାଞ୍ଜଳିଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ହେଲି।

**–ସ୍ୱରାଜ ପଣ୍ଡା,** ବିଡାନାସୀ, କଟକ

❖ ହୋଲି ଉପଲକ୍ଷେ ହୋଇଥିବା ପ୍ରଚ୍ଛଦ ପୃଷ୍ଠା ଆକର୍ଷଣୀୟ ହୋଇଥିଲା।


**–ଦେବାଶିଷ କର,** ଆଙ୍କପଦା, ଭଦ୍ରକ

## ରଙ୍ଗ ଦିଅ



# ମ୍ୟାନ୍ ଅଫ୍ ମିଷ୍ଟ୍ରି

**ଅଲ୍‌ଟର୍‌ନେଟିଂ କରେଣ୍ଟର ଆବିଷ୍କାରକ ହେଉଛନ୍ତି ନିକୋଲା ଟେସ୍‌ଲା। ଏଥିସହ ସେ 'ମ୍ୟାନ୍ ଅଫ୍ ମିଷ୍ଟ୍ରି' ଭାବେ ବେଶ୍ ଜଣାଶୁଣା। ଜାଣନ୍ତୁ ତାଙ୍କ ସମ୍ପର୍କରେ...**



▶▶ ଅନ୍ଧକାର ରାତିର ଝଡ଼ ବତାସରେ ଟେସ୍‌ଲା ଜନ୍ମଗ୍ରହଣ କରିଥିବାରୁ, ତାଙ୍କୁ ଅନ୍ୟମାନେ 'ଚାଇଲ୍ଡ ଅଫ୍ ଡାର୍କନେସ୍' କହୁଥିଲେ। ହେଲେ ତାଙ୍କ ମା' ଏହାକୁ ବିରୋଧ କରି ତାଙ୍କୁ 'ଚାଇଲ୍ଡ ଅଫ୍ ଲାଇଟ୍' ବୋଲି କହୁଥିଲେ।

▶▶ ପିଲାବେଳେ ତାଙ୍କ ସାନଭାଇଙ୍କ ମୃତ୍ୟୁ ହୋଇଯିବାରୁ, ତାଙ୍କ ବାପା ତାଙ୍କୁ ପ୍ରିଷ୍ଟ ବା ଧର୍ମଯାଜକ କରିବାକୁ ମନସ୍ଥ କରିଥିଲେ। ହେଲେ, ଗଣିତ ଆଉ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଆଗ୍ରହ ଦେଖି, ତାଙ୍କ ବାପା ତାଙ୍କୁ ଇଞ୍ଜିନିୟରିଂ ପଢ଼ିବା ପାଇଁ ପଠାଇଥିଲେ।

▶▶ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଦୁନିଆର ସବୁଠାରୁ ବୁଦ୍ଧିମାନ ବ୍ୟକ୍ତି କିଏ ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଏହି ପ୍ରଶ୍ନ ଟେସ୍‌ଲାଙ୍କୁ ପଚାରନ୍ତୁ।

▶▶ ଟେସ୍‌ଲା ଆବିଷ୍କାର କରିଥିବା ଜିନିଷଗୁଡିକ ହେଲା, ଅଲଟରନେଟିଂ କରେଣ୍ଟ(ଆମ ଘରକୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦ୍ୱାରା ଯେଉଁ କରେଣ୍ଟ ଆସିଥାଏ) ରିମୋଟ କଣ୍ଟ୍ରୋଲ, ନିଅନ ଲ୍ୟାମ୍ପ, ଏକ୍ସ–ରେ, ଇଣ୍ଡକ୍ସନ ମୋଟର, ଡେଥ୍ ବିମ୍, ପ୍ଲାଜମା ଲ୍ୟାମ୍ପ ଇତ୍ୟାଦି।

କାର୍ଟୁନ୍ ଟାଇମ୍ ହୋଇଗଲେ ପିଲାଙ୍କୁ ଟିଭି ଆଗରୁ ଉଠାଇବା କଷ୍ଟ ହୋଇପଡ଼େ। ସେମାନେ ହୋମ୍‌ୱର୍କ ଏବଂ ଖେଳକୁଦ ଶୀଘ୍ର ଶୀଘ୍ର ସାରିଦେଇ ନିଜ ମନପସନ୍ଦର କାର୍ଟୁନ୍ ଶୋ ଏଞ୍ଜୟ କରନ୍ତି। କିନ୍ତୁ ପିଲାଏ ଘଣ୍ଟା ଘଣ୍ଟା ଧରି ଟିଭି ଏବଂ ମୋବାଇଲ୍ ଦେଖିଲେ ଅଭିଭାବକ ଏହାକୁ ବାରଣ କରନ୍ତି। ଏପରି ନ କରି ପିଲାଏ କାର୍ଟୁନ ଦେଖୁଥିବା ସମୟରେ ସେମାନଙ୍କୁ ନଜର ରଖନ୍ତୁ ଏବଂ ତାଙ୍କ ପାଇଁ ଉପଯୋଗୀ କାର୍ଟୁନ ସିରିଏଲ୍‌କୁ ଦେଖିବାକୁ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କ ବୌଦ୍ଧିକ ବିକାଶ ହେବା ସହ ଭାଷାଜ୍ଞାନ ମଧ୍ୟ ବଢ଼ିବ।



# ପିଲା ଓ କାର୍ଟୁନ

ପ୍ରଥମ କାର୍ଟୁନ ଆନିମେଟେଡ୍ ଫିଲ୍ମ ୧୯୩୮ ମସିହାରେ କାର୍ଟୁନିଷ୍ଟ ଚାଡ୍ ଗ୍ରୋଥକୋଫ୍‌ଙ୍କ ଦ୍ୱାରା ଟେଲିଭିଜନ୍‌ରେ ପ୍ରସାରିତ ହୋଇଥିଲା। ଶୋ' ର ନାମ ଥିଲା 'ୱିଲ ଦି ୱର୍ମ'। ତେବେ ଭାରତରେ ପ୍ରସାରିତ ହୋଇଥିବା ପ୍ରଥମ କାର୍ଟୁନ୍ ଫିଲ୍ମର ନାଁ 'ପି ବ୍ରଦର୍ସ'। ୧୯୩୪ ମସିହାରେ ଏହି ୪ମିନିଟ୍‌ର ଫିଲ୍ମ କଳା ଧଳା ଫଟୋରେ ପ୍ରସାରିତ ହୋଇଥିଲା। ଏହିପରି ଭାବରେ କାର୍ଟୁନ୍‌ର ଆନିମେଶନ୍‌କୁ ପିଲାଏ ପସନ୍ଦ କରିବା ସହ ଏହାର ଆଦୃତି ବଢିଥିଲା। କାର୍ଟୁନ୍ କାଳ୍ପନିକ ଚରିତ୍ର ହେଲେ ମଧ୍ୟ ପିଲାଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥାଏ। ତେବେ ନିଜ ପ୍ରିୟ କାର୍ଟୁନ୍ ସମ୍ପର୍କରେ କେତେଜଣ ପିଲା ଯାହା କୁହନ୍ତି...

## ଟମ୍ ଆଣ୍ଡ ଜେରୀ ଶୋ ବହୁତ ପସନ୍ଦ



ମୋତେ ଟମ୍ ଆଣ୍ଡ ଜେରୀ ଶୋ ବହୁତ ପସନ୍ଦ। ଖାସ୍ କରି ଜେରୀକୁ ବହୁତ ଭଲପାଏ। ମୋର ଅତି ପ୍ରିୟ ସାଙ୍ଗ ନାଁ ଟମ୍ ରଖିଛି। ଆମେ ଦି ଜଣ ବ୍ରେଷ୍ଟ ଫ୍ରେଣ୍ଡ। ଯେତେ କଳି ଝଗଡା ହେଲେ ବି ଦୁହେଁ ସବୁ କଥା ଶେୟାର୍ କରୁ। ଟମ୍ ଆଣ୍ଡ ଜେରୀ ପରି କିଛି ସମୟ ପାଇଁ ମୁହଁ ଫୁଲେଇଲେ ବି ଏକାଠି ଖାଉ, ପିଉ ଓ ମସ୍ତି କରୁ। ଟ୍ୟୁଶନ୍ ଶେଷ ହେବା ପରେ ଟମ୍ ଆଣ୍ଡ ଜେରୀ ଶୋ ମିଶି କରି ଦେଖୁ। ଆମେ ଟମ୍ ଆଣ୍ଡ ଜେରୀର ଶାର୍ଟ ପିନ୍ଧି ଏକାଠି ବୁଲିବାକୁ ଯାଉ।

**–ସାଇ ଶ୍ରୀମାନ ଦାଶ,** କ୍ଲାସ୍–୫, ସାଇ ପବ୍ଲିକ୍ ସ୍କୁଲ, ଫୁଲନଖରା, କଟକ

## ଇଂଲିଶ୍ କାର୍ଟୁନ୍ ସିରିଜ୍ ଦେଖେ



ନ୍ୟୁଜ୍, ଫିଲ୍ମ ଦେଖିବା ସହ କାର୍ଟୁନ୍ ଦେଖିବାକୁ ମଧ୍ୟ ମୋତେ ଭଲ ଲାଗେ। ଖାସ୍ କରି ଇଂଲିଶ୍ ସିରିଜ୍ ଆଡଭେଞ୍ଚର ଟାଇମ୍, ଡେକ୍ସଟର ଲାବ, ଫିନିଏସ୍ ଆଣ୍ଡ ଫର୍ବ ଓ ଟିନ୍ ଟାଇଟ୍ୟାନ୍। ବୋରିଂ ଲାଗୁଥିଲେ ମୁଁ ଏହିସବୁ କାର୍ଟୁନ ଦେଖିବାକୁ ପସନ୍ଦ କରେ। ଆନିମେଟେଡ୍ ଷ୍ଟୋରି ଏବଂ ମଜାଳିଆ ହୋଇଥିବାରୁ ଏସବୁ ଦେଖିବାକୁ ଭଲଲାଗେ। ଏହା ମୋର ସ୍ପୋକେନ୍ ଇଂଲିଶ୍ ଭଲ କରିବାରେ ସହାୟକ ହୁଏ।

**–ଅନ୍ୱେଷା ରଥ,** କ୍ଲାସ୍–୯,
ଶ୍ରୀମଦ ଭଗବତ୍ ଗୀତା ବିଦ୍ୟା ମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର



## ପାପାଙ୍କ ସହ କାର୍ଟୁନ ଦେଖେ



କାର୍ଟୁନ ଭିତରେ ମୋ ପ୍ରିୟ ଚରିତ୍ର ହେଉଛି ମୋଟୁ। ସ୍କୁଲ୍‌ରୁ ଆସିବା ମାତ୍ରେ ସାଙ୍ଗେ ସାଙ୍ଗେ ମୋଟୁ ପତଲୁ ଶୋ ଦେଖିବାକୁ ବସିଯାଏ। ମୋଟୁ ପ୍ରତିଟି ଏପିସୋଡ୍‌ରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜକୁ ଚୁଟ୍‌କିରେ ସମାଧାନ କରିଥାଏ। ମୁଁ ବି ସ୍କୁଲରେ ଦିଆଯାଉଥିବା ହୋମ୍‌ୱର୍କକୁ ଚ୍ୟାଲେଞ୍ଜର ସହ ନେଇ ସେହିଦିନ ଶେଷ କରିବାକୁ ଚେଷ୍ଟା କରେ। କେବଳ ମୁଁ ନୁହେଁ ପାପା ମଧ୍ୟ ମୋଟୁ ପତଲୁ ଦେଖନ୍ତି। ତାଙ୍କର ବି ପ୍ରିୟ କାର୍ଟୁନ ମୋଟୁ। ମୋଟୁର ଯେମିତି ସମୋସା ନ ଖାଇଲେ ମୁଣ୍ଡ କାମ କରେନି, ମୁଁ ସେହିପରି ସମୋସା ନ ଖାଇଲେ କିଛି ବି କରି ପାରେନି।

**–ଶୁଭାଂଶୀ ମିଶ୍ର,** କ୍ଲାସ୍–୫,
ସତ୍ୟଭାମା ଇଂଲିଶ୍ ମିଡିୟମ ସ୍କୁଲ୍, ପୁରୀ

## ଆଧ୍ୟାତ୍ମିକ କାହାଣୀ ଓ ସ୍ପୋକେନ୍ ଇଂଲିଶ୍ ଶିଖିବା ଭଳି କାର୍ଟୁନ ଦେଖାନ୍ତୁ



ପିଲାମାନେ ନିଜର ପ୍ରିୟ କାର୍ଟୁନ କ୍ୟାରେକ୍ଟର ସହ ଏପରି ଜଡ଼ିତ ହୋଇଯାନ୍ତି ଯେ, ତାଙ୍କ ପରି ନକଲ କରିବା ସହ ଡାଏଲଗ୍ ବି କୁହନ୍ତି। କାର୍ଟୁନ୍‌କୁ ପିଲାଙ୍କ ମନୋରଞ୍ଜନ କରିବାରେ ସୀମିତ ରଖନ୍ତୁ କିନ୍ତୁ ଅଭ୍ୟାସରେ ପରିଣତ କରନ୍ତୁ ନାହିଁ। କାର୍ଟୁନର ଗୋଟିଏ ଗୋଟିଏ ଏପିସୋଡ ଅଧଘଣ୍ଟା କିମ୍ବା ଘଣ୍ଟେ ଯାଏ ରହିଥାଏ। ଯାହା ଯୋଗୁ ସେମାନେ ଘଣ୍ଟା ଘଣ୍ଟା ଧରି ଟିଭି, ଲାପ୍‌ଟପ୍ ଏବଂ ମୋବାଇଲ୍ ଦେଖିଥାନ୍ତି। ଏପରି କରୁଥିଲେ ସେମାନଙ୍କୁ ବାରଣ କରନ୍ତୁ। ଅଧିକ ସମୟ ସ୍କ୍ରିନ୍ ଟାଇମ୍ ଏକ୍ସପୋଜର ହେବା ଦ୍ୱାରା ପିଲାଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡ଼ିଥାଏ। ସେମାନେ ଅନ୍ୟମନସ୍କ ରହିବା, କଥାରେ ଜବାବ ଦେବା କିମ୍ବା ଚିଡ଼୍‌ଚିଡା ହୋଇଯିବା ପରି ବ୍ୟବହାର କରିଥାନ୍ତି। ତେଣୁ ସ୍କ୍ରିନ୍ ଟାଇମ୍ ଗୋଟିଏ ଦିନ ଭିତରେ ଘଣ୍ଟାଏ କିମ୍ବା ଦେଢଘଣ୍ଟା ଯାଏ ସୀମିତ ରଖନ୍ତୁ। ପିଲାମାନେ ମୋବାଇଲ ଏବଂ ଟିଭିରେ କଣ ଦେଖୁଛନ୍ତି ଧ୍ୟାନ ଦିଅନ୍ତୁ। ବୟସାନୁସାରେ ସେମାନେ ସ୍କ୍ରିନ୍‌ରେ କ'ଣ ଦେଖୁଛନ୍ତି ଏବଂ ତାହା ଦେଖିବା ଯୋଗ୍ୟ କି ନାହିଁ ନଜର ରଖିବା ଜରୁରୀ। ଯେଉଁ କାର୍ଟୁନ୍ ଦ୍ୱାରା ପିଲାମାନେ ମୋରାଲ ଏଜୁକେଶନ ପାଉଥିବେ କିମ୍ବା ରାଇମ୍, ଆଲ୍ଫାବେଟ, ଫିକ୍ସନ୍, ଆଧ୍ୟାତ୍ମିକ କାହାଣୀ ଓ ସ୍ପୋକେନ୍ ଇଂଲିଶ୍ ଶିଖିପାରୁଥିବେ ସେହିସବୁ ପ୍ରୋଗ୍ରାମ୍ ଦେଖିବାକୁ ଦିଅନ୍ତୁ, ଯାହାଦ୍ୱାରା ସେମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ହୋଇପାରିବ। ତେବେ ଏହିସବୁ ପ୍ରୋଗ୍ରାମ୍ ପିଲାଙ୍କ ସହ ଦେଖନ୍ତୁ। ଆଉ ଏ ସମୟରେ ସେମାନେ କିଛି ପ୍ରଶ୍ନ କଲେ ସ୍ନେହରେ ବୁଝାଇ ଦିଅନ୍ତୁ।

**–ଡା. ଜଗଦୀଶ ପ୍ରସାଦ ସାହୁ,** ଶିଶୁରୋଗ ବିଶେଷଜ୍ଞ, ଶ୍ରୀ ହସ୍ପିଟାଲ, ଭୁବନେଶ୍ୱର



୧



୨



୩



୪




୫



୬



୭



୮



ସାଇ ଶିବେଶ ବେହେରା
କ୍ଲାସ୍- ୪,
କାର୍ମେଲ ସ୍କୁଲ,
ରାଉରକେଲା
୧



ଶ୍ରେୟାସୀ ଦାସ
କ୍ଲାସ୍- ୩,
କେନ୍ଦ୍ରୀୟ ବିଦ୍ୟାଳୟ
ନଂ-୨, ଭୁବନେଶ୍ୱର
୨



ସୁଦକ୍ଷା ବଳିଆରସିଂହ
କ୍ଲାସ୍- ୨,
ସରକାରୀ ୟୁ.ପି ସ୍କୁଲ
ରାମଗିରି, ଗଜପତି
୩



ସାଦୀକ୍ଷା ଶ୍ରେୟାଂଶୀ
କ୍ଲାସ୍-୬,
ଲିଟିଲ ଆଞ୍ଜେଲସ୍ ପବ୍ଲିକ ସ୍କୁଲ,
ଡୁଙ୍ଗୁରିପାଲୀ, ସୁବର୍ଣ୍ଣପୁର
୪



ଅଭିଲିପ୍ସା ରାଉତ
କ୍ଲାସ୍- ୯,
ରଘୁନାଥ ଉଚ୍ଚ ବିଦ୍ୟାଳୟ
ଦାମୋଦରପୁର,
ମଙ୍ଗଳପୁର, ଯାଜପୁର
୫



ଅରିନ୍ଦମ୍ ପଣ୍ଡା
କ୍ଲାସ୍- ୮,
ଡୁନ୍ ଇଣ୍ଟର ନ୍ୟାଶନାଲ ସ୍କୁଲ,
ସିଜୁଆ, ଭୁବନେଶ୍ୱର
୬



ମହାଶ୍ୱେତା ସାହୁ
କ୍ଲାସ୍-୩,
ସରକାରୀ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, ବେହେରାପାଲି,
ସୋହେଲା, ବରଗଡ
୭



ଏମ୍ ସ୍ନିଗ୍ଧା ତନୟା
କ୍ଲାସ୍- ୫,
ସରସ୍ୱତୀ ଶିଶୁ ମନ୍ଦିର,
ଭାପୁର, ନୟାଗଡ଼
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ପିରିୟଡ଼ିକ ଟେବୁଲ୍ ସଜାଇ ରେକର୍ଡ

ପିଲାମାନେ ପିରିୟଡ଼ିକ ଟେବୁଲ୍‌କୁ ମନେରଖିବା ବେଳେବେଳେ କଷ୍ଟ ହୋଇପଡେ। ଆଉ ପରୀକ୍ଷା ସମୟରେ ଏହାକୁ ମନେ ପକାଇ କ୍ରମାନୁସାରେ ଲେଖିବା ବେଳେ ଅଧା ଭୁଲି ହୋଇଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବ, ଆନ୍ଧ୍ର ପ୍ରଦେଶର ଫାଜିଲା ଟାବାସୁମ୍ ଶାଇକ୍ ୧ମିନିଟ୍ ୪୩ସେକେଣ୍ଡରେ ପିରିୟଡିକ୍ ଟେବୁଲ୍‌କୁ କ୍ରମାନ୍ୱୟରେ ସଜାଇଛନ୍ତି। ଏତେ କମ୍ ସମୟରେ ପିରିୟଡିକ ଟେବୁଲକୁ ପର୍ଯ୍ୟାୟ ଅନୁସାରେ ରଖି ୯ବର୍ଷୀୟ ଫାଜିଲା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଫାଜିଲାଙ୍କ ବାପା ଶାଇକ୍ ରହିମ୍ କହିଛନ୍ତି, ଆନ୍ଧ୍ରପ୍ରଦେଶର ଚିଲାକାଲୁରିପେଟ୍ ସହରର ସି.ଆର୍ କଲେଜରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଝିଅ ପିରିୟଡିକ୍ ଟେବୁଲର ୧୧୮ ଉପାଦାନକୁ ୧ମିନିଟ୍ ୫୭ସେକେଣ୍ଡରେ ସଜାଇ ଥିଲା। ଝିଅର ଏହି ସଫଳତା ପାଇଁ ମୁଁ ବହୁତ ଖୁସି ଅଛି। ଫାଜିଲା ଏହି ରେକର୍ଡ କରିବା ଲାଗି ଦିନକୁ ୫ ରୁ ୬ଘଣ୍ଟା ଅଭ୍ୟାସ କରୁଥିଲା। ଭବିଷ୍ୟତରେ ସେ ୧ମିନିଟ୍ ୩୦ସେକେଣ୍ଡରେ ପିରିୟଡିକ୍ ଟେବୁଲ୍ ସଜାଇ ନିଜ ରେକର୍ଡ ନିଜେ ଭାଙ୍ଗିବାକୁ ଚେଷ୍ଟା ଜାରି ରଖିଛି। ପୂର୍ବରୁ ପାକିସ୍ତାନର ଜଣେ ଝିଅ ୨ମିନିଟ୍ ୨୭ସେକେଣ୍ଡରେ ଏହି ରେକର୍ଡ ସୃଷ୍ଟି କରିଥିଲେ। ମାତ୍ର ଫାଜିଲା ଅତି କମ୍ ସମୟରେ ପିରିୟଡିକ ଟେବୁଲ ସଜାଡି ତାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି।




# ଏଥରର

- ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ?
- ଓଡ଼ିଶାର ପ୍ରଥମ ରାଜଧାନୀ କେଉଁଠି ଥିଲା ?
- ପ୍ରଥମ ଓଡ଼ିଆ ଜ୍ଞାନପୀଠ ପୁରସ୍କାର ବିଜେତା ?
- ପ୍ରଥମ ଓଡ଼ିଆ ପତ୍ରିକା ବୋଧଦାୟିନୀ କେଉଁଠୁ ପ୍ରକାଶ ପାଉଥିଲା ?
- ଓଡ଼ିଶାର ପ୍ରଥମ ଖବରକାଗଜ ?

ଉ ତ୍ ର

## ଗତଥରର

- କେନ୍ଦୁଝର
- ରାଉରକେଲା
- ଜଗତ୍‌ସିଂହପୁର
- ଉଷାକୋଠି
- ନାଭିଗୟା କ୍ଷେତ୍ର

## କହିଲ ଦେଖି

ଓଡ଼ିଆଙ୍କ ସବୁଠାରୁ ମୁହିଁ ପ୍ରିୟ ଖାଦ୍ୟ
ଖରାଦିନେ ମୋ ଆଗରେ ଫିକା ଯେତେ ସ୍ୱାଦ।
ଧନୀଠୁ ଗରିବ ସବୁ ଖାଇଥାନ୍ତି ହସି,
ଖାଇଦେଲେ ମନ ଶାନ୍ତି ହୋଇଥାଏ ଖୁସି।
ପିଆଜ, କାକୁଡି ପୁଣି ଚୂନାମାଛ ଭଜା,
ବଡ଼ିଚୂରା, ଶାଗଭଜା ଥିଲେ ଲାଗେ ମଜା।
ଚାଉଳକୁ ରାନ୍ଧି ଦେଇ ମିଶାଇବ ପାଣି,
କାହାକୁ ତୋରାଣୀ ଠାରୁ ଖାଇଥାନ୍ତି ଛାଣି ?



ଉ- ପଖାଳ

ପଖାଳ ସହିତ ପଡ଼ଇ ଖୋଜା
ଲୁଣ, ଲଙ୍କା ସାଥେ ଖାଆନ୍ତି ଭଜା।
ଅଦା, ରାଶି ଅବା କଖାରୁ ଦେବ
ସୁଆଦ ମୋହର ନିଆରା ହେବ ।
ବିରି ବାଟି ମାଆ ତିଆରି କରେ
ଛୋଟ ଛୋଟ ପାରେ କପଡ଼ା ପରେ।
ଖରାରେ ଶୁଖାଇ ଦିଏ
କହିଦିଅ ପିଲେ ମୁହିଁ ତ କିଏ ?



ଉ- ବଡ଼ି

ଫଳ କି ପରିବା ନୁହେଁ ମାଛ ମାଂସ
ଖାଦ୍ୟ ସିଏ ପ୍ରିୟ ଭାରି,
ବାରିରୁ ଆଣିକି ମାଆ ରାନ୍ଧି ଦିଏ
ସୁଆଦ ନିଆରା ତାରି।
କୁହ ସିଏ କେଉଁ ଭଜା
ହଳଦୀ ମସଲା ପଡେନି ସେଥିରେ
ଭାତ ସଙ୍ଗେ ପଡ଼େ ଖୋଜା।



ଉ- ଶାଗଭଜା

ରନ୍ଧା ଭଜା ନୁହେଁ ହୋଇଛି ପୋଡ଼ା,
ଚକଟି ଦିଅରେ ରସୁଣ ଯୋଡ଼ା ।
ଲଙ୍କା, ଲୁଣ ବଡ଼ି ପକାଇ ଦେଇ
ପାଗ କଲେ ବାସ ମହକୁ ଥାଇ ।
ଭଲ ପାଆନ୍ତିନି ପିଲାଏ ମୋତେ
ଖାଇବାକୁ ନାକ ଟେକନ୍ତି କେତେ ।
ପରିବା ପୋଡ଼ାଟିଏ
ମୋର ନାମଟିକୁ କହିଦିଅ କିଏ ?



ଉ- ବାଇଗଣ ପୋଡ଼ା

**-ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡ଼ା, ନୟାଗଡ଼, ମୋ: ୮୨୭୦୩୭୨୪୯୮

# କବିତା

## ମୋ ମାଆ ପରି କିଏ ହେବ

ମାଆ ପରି କିଏ ହେବ
ମୋ ଅଳି ଅଝଟକୁ ସବୁ ସହିବ
ରାଗି ରୁଷି ଗଲେ କୋଳରେ ବସେଇ
ସ୍ନେହରେ ଗେଲ କରିବ।
ପଣତରେ ଧୂଳି ଝାଡ଼ିଦେବ
ସ୍ନେହ, ଶରଧାରେ ବାନ୍ଧିରଖି ମତେ
ମିଠାମିଠା କଥା ଶିଖେଇବ।
ଧନସୁନା କହି ଖୁଆଇ ଦେବ
ହଜିଯାଇଥିଲେ ଖୋଜି ଆଣିବ
ସ୍ନେହରେ କଷଣ ଭୁଲାଇ ଦେବ।
ହାତ ଧରି ଚାଲି ଶିଖେଇ ଦେବ
ବିପଦେ ଆପଦେ ସାହା ହୋଇବ
ଗୀତ ଗାଇ ମତେ ଶୁଆଇ ଦେବ।
ଭାଙ୍ଗିଯାଇଥିଲେ ଗଢ଼େଇ ଦେବ
ରାଜାରାଣୀ ଗପ ନିତି କହିବ
ମୋ ସୁଖର ଜୀବନ ପାଇଁ
ଭଗବାନଙ୍କ ପାଖେ ପ୍ରାର୍ଥନା କରିବ।

**– ରମାକାନ୍ତ ଦାସ**
ବାଣୀବିହାର, ଭୁବନେଶ୍ୱର
ମୋ: ୯୬୬୮୮୧୫୩୬୯

## ଖରାକୁ ଲାଗୁଛି ଡର

ସୁରୁଜ ଉଇଁଲା ତା ଖରା ଛୁଇଁଲା
ନରମ ମାଟିର ଛାତି
ହେଲା ଭାରି ଶୋଷ ପାଣିକଲା ତୋଷ
ବଢିଲା ଡହକ ତାତି।
ଗମ ଗମ ଝାଳ ବୋହିଲା ଦେହରୁ
ଖରାକୁ ଲାଗୁଚି ଡର
କହିଲା ସପନା ଅଂଶୁଘାତ ହେବ
ଛାଡନାହିଁ ଜମା ଘର।
ଟୁକୁନା ପିନ୍ଧିଲା ପାଦରେ ଚପଲ
ପାଖରେ ରଖିଲା ପାଣି
ସାଇକେଲ ଚଢି ବିଦ୍ୟାଳୟଗଲା
ଦେଖି ଟାଣଖରା ଠାଣି।
ଗଛକାଟି ପଦା କରିଛି ମଣିଷ
ମିଳୁନାହିଁ ଟିକେ ଛାଇ
ଗାଆଁ ସଡ଼କରେ ଥୁଣ୍ଟାଗଛଟିଏ
ରହିଚି ଆକାଶ ଚାହିଁ।
କମିଯିବ ଖରା ଅଂଶୁଘାତ ଭାଉ
ଲଗାଇଲେ ଗଛଚାରା
ଗଛଦେବ ଜଳ ଛାଇ ଓ ପବନ
ଥାଇ ଏ ଦୁନିଆସାରା।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଲାଇ,ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦



## ନାଆଁଟି ଭୁଲିବା ନାହିଁ


ନିଜଠୁ ନିଜର ଅତି ଆପଣାର
ଆମ ପିତା ମାତା ପରି
ଭାରି ଶରଧାରେ ରଖିଛି ଆମକୁ
କୋଳରେ ତାହାର ଧରି।
ସିଏ ଆମ ମାଟି ମାଆ
ଅନ୍ତୁଡ଼ିଶାଳରୁ ଶମଶାନ ଯାଏ
ହୋଇଥାଏ ସଦା ସାହା।
ଶରୀରକୁ ତା'ର ବିଦାରି ବିଦାରି
ଫସଲ ଫଳାଏ ଚାଷୀ
ସୁନା ହୀରା ପାଇଁ ତା'ଛାତିକୁ
ଲୋକେ
ବିଦାରନ୍ତି ବାରମାସୀ।
କରେନାହିଁ ମନ ଊଣା
ଯାହା ମାଗିଦେଲେ ଅଜାଡ଼ି ଦିଏସେ
ଖୁସି ମନେ ଦୁଇ ଗୁଣା।
ଖାଇବା ପିଇବା ରହିବା ନାଇବା
ସବୁ ତା'ର ଅବଦାନ
ଆଖିରେ ତାହାର ସଭିଏଁ ସମାନ
କେହି ନୁହେଁ ବଡ଼ ସାନ
ଶୁଣ ମୋ' ଭଉଣୀ ଭାଇ
ଋଣ ସିନା ତା'ର ପାରିବାନି ଶୁଝି
ନାଆଁଟି ଭୁଲିବା ନାହିଁ।

**– ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର

# ମହାକାଶରେ

## ପ୍ରଥମ ଜୀବ ଲାଇକା

**ରୁ**ଷ ୧୯୫୭ ମସିହା ନଭେମ୍ବର ୩ ତାରିଖରେ ଭୂକକ୍ଷକୁ ସ୍ପୁଟନିକ-୨ ଯାନ ପଠାଇଥିଲା। ଏଥିରେ ଏକମାତ୍ର ଯାତ୍ରୀ ଥିଲା ଲାଇକା। ମନୁଷ୍ୟ ପାଇଁ ମହାକାଶ ଯାତ୍ରାର ନିରାପତ୍ତାକୁ ପରୀକ୍ଷା କରିବା ଲାଗି ଲାଇକାକୁ ଏହି ଯାନରେ ପଠାଯାଇଥିଲା। ଏହାକୁ ଯାନର ଏକ ଚାପକୃତି କୋଠରିରେ ରଖାଯାଇଥିଲା। ଏହା ସେଠାରେ ଶୋଇ ପାରିବା କିମ୍ବା ଠିଆ ହୋଇ ପାରିବା ଭଳି ସ୍ଥାନ ଥିଲା। ସେହି କୋଠରିରେ ଲାଇକା ପାଇଁ ଖାଦ୍ୟ ଓ ଜଳ ଥିଲା ଏବଂ ସେଠାରେ ଅମ୍ଳଜାନ ଉତ୍ପନ୍ନ କରିବା







ପାଇଁ ବ୍ୟବସ୍ଥା ଥିଲା। ଗବେଷଣା ବିଷୟରେ ଜାଣିବା ପାଇଁ ତା' ଦେହରେ ଇଲେକ୍‌ଟ୍ରୋଡ୍ ଖଞ୍ଜା ଯାଇଥିଲା ଏବଂ ସେଥିରୁ ତା' ଶରୀରର ବିଭିନ୍ନ ସଙ୍କେତ ପୃଥିବୀକୁ ଆସୁଥିଲା। ପ୍ରଥମେ ଏହା ଟିକିଏ ଉତ୍ତେଜିତ ଜଣାପଡୁଥିଲା, କିନ୍ତୁ ଖାଦ୍ୟ ଗ୍ରହଣ କରୁଥିଲା। ସେତେବେଳେ ପ୍ରଯୁକ୍ତି ବିଦ୍ୟା ଅନୁଯାୟୀ ମହାକାଶରୁ ନିରାପଦରେ ଗୋଟିଏ ଯାନକୁ ପୃଥିବୀକୁ ଫେରାଇ ଆଣିବା ସମ୍ଭବ ନ ଥିଲା। ଏଣୁ ଅମ୍ଳଜାନ ଅଭାବରୁ ଭୂକକ୍ଷରେ ୧୦ଦିନ ପରିକ୍ରମଣ କରିବା ପରେ ଏହା ମୃତ୍ୟୁମୁଖରେ ପଡିବ ବୋଲି ଯୋଜନା କରାଯାଇଥିଲା।

**"ବାସ୍ତବରେ ଲାଇକା ଗୋଟିଏ ବୁଲା କୁକୁର ଥିଲା। ସ୍ପୁଟନିକ୍-୨ ଉତ୍‌କ୍ଷେପଣର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଏହାକୁ ମସ୍କୋର ଏକ ଗଳିରୁ ଧରାଯାଇଥିଲା। ଏହାର ଶାନ୍ତ ସ୍ୱଭାବ ଓ ଛୋଟ ଆକାର ଯୋଗୁ ଏହାକୁ ବଛା ଯାଇଥିଲା।"**

ଏହାର ମୃତ୍ୟୁ କିପରି ହେଲା ସେ ନେଇ ଦ୍ୱନ୍ଦ୍ୱ ଅଛି। ରୁଷ ପ୍ରଥମେ କହିଥିଲା ଯେ, ଏହି ଅଭିଯାନରେ ଯାତ୍ରାର କିଛି ଦିନ ପରେ ଏହାକୁ ବିଷ ଦେଇ ମାରି ଦିଆଯାଇଛି, ଯାହା ଫଳରେ ଏହା କୌଣସି କଷ୍ଟ ପାଇନାହିଁ। ମାତ୍ର ୧୯୯୩ ବେଳକୁ ଜଣାପଡିଲା ଯେ, ଲାଇକା ଭୟଭୀତ ହୋଇ ଯାତ୍ରାର ଅଳ୍ପ କେଇ ଘଣ୍ଟା ମଧ୍ୟରେ କଷ୍ଟ ପାଇ ମୃତ୍ୟୁ ଲଭିଥିଲା। ବାସ୍ତବରେ ଲାଇକା ଗୋଟିଏ ବୁଲା କୁକୁର ଥିଲା। ସ୍ପୁଟନିକ୍-୨ ଉତ୍‌କ୍ଷେପଣର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଏହାକୁ ମସ୍କୋର ଏକ ଗଳିରୁ ଧରାଯାଇଥିଲା। ଏହାର ଶାନ୍ତ ସ୍ୱଭାବ ଓ ଛୋଟ ଆକାର ଯୋଗୁ ଏହାକୁ ବଛା ଯାଇଥିଲା। ପୁନଶ୍ଚ ଅଭିଯାନ ପାଇଁ ଗୋଟିଏ ମାଈ କୁକୁରର ଆବଶ୍ୟକତା ଥିଲା, କାରଣ ଏହା ଆବଦ୍ଧ କୋଠରିରେ ରହିବା ପାଇଁ ଉପଯୁକ୍ତ। ଲାଇକାକୁ ବାଛିବାର ଏହା ହେଉଛି ଅନ୍ୟ ଏକ କାରଣ। ପୁଣି କୁକୁରର ଉଜ୍ଜ୍ୱଳ ଚମଡ଼ା ଦରକାର ଥିଲା, ଯାହା ଫଳରେ ଭିଡିଓ ଚିତ୍ର ଭଲ ଆସିପାରିବ। ଏହା ମଧ୍ୟ ଅପେକ୍ଷାକୃତ ସହଜରେ ତୀବ୍ର ଧ୍ୱନି ଓ ବାୟୁଚାପ ପରିବର୍ତ୍ତନକୁ ସହ୍ୟ କରିପାରୁଥିବାର ଆବଶ୍ୟକତା ଥିଲା।

ଲାଇକାକୁ ମହାକାଶକୁ ପଠାଇବାର କାରଣ କ'ଣ ? ମନୁଷ୍ୟ ମହାକାଶକୁ ଯିବା ପୂର୍ବରୁ ସେ ମହାକାଶରେ ଅଧିକ ସମୟ ପର୍ଯ୍ୟନ୍ତ ଓଜନହୀନତା ଅବସ୍ଥାରେ ପଡ଼ିପାରିବ ନା ନାହିଁ ସନ୍ଦେହ ଥିଲା। ଏଣୁ ଉଭୟ ରୁଷ ଓ ଯୁକ୍ତରାଷ୍ଟ୍ର ଆମେରିକା ମହାକାଶକୁ କୁକୁର, ମାଙ୍କଡ଼ ଓ ସିମ୍ପାଜି ଆଦି ପଠାଇ ପରୀକ୍ଷା କରୁଥିଲେ।

ଲାଇକା ପୂର୍ବରୁ ଆମେରିକା ୧୯୪୭ ଫେବୃୟାରୀରେ ମହାକାଶକୁ ଫଳମାଛି ପଠାଇ ପରୀକ୍ଷା କରିଥିଲା। ରୁଷ ମଧ୍ୟ ୧୯୫୧ରେ ଡେଜିକ୍ ଓ ସାଇଗାନ୍ ନାମରେ ଦୁଇଟି କୁକୁରଙ୍କୁ ମହାକାଶକୁ ପଠାଇଥିଲା। ମାତ୍ର ଜୀବଗୁଡିକ ଭୂକକ୍ଷ ପର୍ଯ୍ୟନ୍ତ ଯାଇନଥିଲେ। ଏଣୁ ମହାକାଶକୁ ଯାଇ ପୃଥିବୀକୁ



ପରିକ୍ରମଣ କରିବାର ଗୌରବ ଲାଇକାକୁ ହିଁ ଦିଆଯାଏ।

ମନୁଷ୍ୟ ମହାକାଶ ଯାତ୍ରାରେ ସହାୟତା ଦେଇ ଲାଇକା ମୃତ୍ୟୁବରଣ କଲା। ଗୋଟିଏ ବୁଲା କୁକୁର ଆଜି ଇତିହାସରେ ଅମର ହୋଇ ରହିଛି। ଏହା ସ୍ମୃତିରେ ଡାକଟିକଟ ପ୍ରଚଳନ କରାଯାଇଛି। ଏଥିସହ ମସ୍କୋର ଏକ ଛକରେ ଲାଇକାର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

**– ଇଂ. ମାୟାଧର ସ୍ୱାଇଁ**
ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ :୯୪୩୮୬୯୩୭୨୪

**ସା**ଧାରଣତଃ ଦେଖାଯାଏ, ଶୀତଦିନରେ ହ୍ୟାଣ୍ଡପମ୍ପ୍ ପାଣି ଉଷୁମ ରହୁଥିବା ବେଳେ ଖରାଦିନରେ ଥଣ୍ଡା ଲାଗିଥାଏ। ଏହା ପଛରେ ଏକ ବୈଜ୍ଞାନିକ କାରଣ ରହିଛି। ମାଟି ତଳେ ଥିବା ପାଣିକୁ ଆମେ ଗ୍ରାଉଣ୍ଡ ୱାଟର କହିଥାଉ, ଯେଉଁଥିରେ ତାପମାତ୍ରାର କୌଣସି ପ୍ରଭାବ ପଡ଼େନି। ଗ୍ରାଉଣ୍ଡ ୱାଟରର ତାପମାତ୍ରା ସବୁବେଳେ ସମାନ ରହିଥାଏ। ଶୀତଦିନେ ବାହାର ତାପମାତ୍ରା ହ୍ୟାଣ୍ଡପମ୍ପ୍ ପାଣି ତୁଳନାରେ ଟିକେ କମ୍ ରହିଥାଏ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଖରାଦିନେ ବାହାର ତାପମାତ୍ରା ହ୍ୟାଣ୍ଡପମ୍ପ୍‌ର ପାଣି ତାପମାତ୍ରାଠୁ ଅଧିକ ହୋଇଥାଏ। ଆମେ ଘରେ କିମ୍ବା ବାହାର ପରିବେଶରେ ରହିଥିବା ବେଳେ, ଆମ ଶରୀରର ତାପମାତ୍ରା ପାଣିର ତାପମାତ୍ରାଠାରୁ କମ୍ ଥାଏ। ଏହି ସମୟରେ ଆମେ ହ୍ୟାଣ୍ଡପମ୍ପ ପାଣିକୁ ଛୁଇଁଲେ ତାହା ଉଷୁମ ଲାଗେ। ଅର୍ଥାତ୍, ଆମ ଶରୀରର ତାପମାତ୍ରାଠାରୁ ପାଣିର ତାପମାତ୍ରା ଟିକେ ଅଧିକ ରହିଥାଏ। ଖରାଦିନେ ହ୍ୟାଣ୍ଡପମ୍ପ ପାଣି ଥଣ୍ଡା ଏବଂ ଶୀତଦିନେ ଉଷୁମ ଲାଗେ। ପାଣି ଭୂପୃଷ୍ଠ ଭିତରେ ସାଧାରଣ ତାପମାତ୍ରାରେ ଥାଏ। ବାହାରକୁ ଆସିଲେ ଆମ ଶରୀରର ତାପମାତ୍ରା ଯୋଗୁଁ ହିଁ ତାହା ଉଷୁମ କିମ୍ବା ଥଣ୍ଡା ଲାଗିଥାଏ।

## ହ୍ୟାଣ୍ଡପମ୍ପ୍ ପାଣି ଉଷୁମ– ଥଣ୍ଡା କାହିଁକି ହୁଏ





## ଦ୍ୱୀପ ବଦଳାଏ ଦେଶ

**ଜ**ଳରାଶିର ମଧ୍ୟଭାଗରେ ଥିବା ସ୍ଥଳଭାଗ ବା ଟାପୁକୁ ଦ୍ୱୀପ କୁହାଯାଏ। ପୃଥିବୀରେ ଏଭଳି ଏକ ଦ୍ୱୀପ ରହିଛି, ଯାହା ଉପରେ ଦୁଇ ଦେଶର ଅଧିକାର ରହିଛି। ଏହା ଗୋଟିଏ ଦେଶ ଅଧୀନରେ ଛଅ ମାସ ରହୁଥିବା ବେଳେ ଅନ୍ୟ ଦେଶ ପାଖରେ ଅବଶିଷ୍ଟ ଛଅ ମାସ ରହିଥାଏ। ଏଠାରେ ଯେଉଁ ଦ୍ୱୀପ ବିଷୟରେ ସୂଚନା ଦିଆଯାଉଛି, ତାହାର ନାମ ହେଲା ଫିଜାଣ୍ଟ ଦ୍ୱୀପ। ଏହା ସ୍ପେନ୍ ଓ ଫ୍ରାନ୍ସ ମଧ୍ୟଭାଗରେ ରହିଛି। ୧୬୫୯ରେ ଉକ୍ତ ଦ୍ୱୀପକୁ ନେଇ ଉଭୟ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଉଲ୍ଲେଖ ରହିଥିଲା ଯେ, ଉଭୟ ଦେଶ ୬ମାସ ଲେଖାଏ ଦ୍ୱୀପଟିକୁ ଶାସନ କରିବେ। ଏହି ଧାରା ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା– ଏହି ଦ୍ୱୀପକୁ ନେଇ ଦୁଇ ଦେଶ ମଧ୍ୟରେ କେବେ କୌଣସି ବିବାଦ ହୋଇନାହିଁ। ଉତ୍ତମ ବୁଝାମଣାରେ ଦୁଇ ଦେଶ ଏହି ଦ୍ୱୀପଟିକୁ ଶାସନ କରିଆସୁଛନ୍ତି। ଏକ ନଦୀ ମଧ୍ୟରେ ଅବସ୍ଥିତ ଏହି ଦ୍ୱୀପଟିର ଲମ୍ବ ୨୦୦ମିଟର ହୋଇଥିବା ବେଳେ ଚଉଡ଼ା ପାଖାପାଖି ୪୦ମିଟର ।

# ଆ ଇ ନା



ସୁଶ୍ରୀ ଅନସୂୟା ପାତ୍ର
୧୨ବର୍ଷ, ଭୁବନେଶ୍ୱର




ଶ୍ରେୟାଂଶୀ ମହାନ୍ତି
୯ ବର୍ଷ, କଟକ